# ତହସିଲ କାର୍ଯ୍ୟାଳୟ, ପାଇକମାଲ, ଜି. ବରଗଡ଼

## ବିଜ୍ଞାପନ ସଂଖ୍ୟା. ୧୧୪୫ ତାରିଖ ୨୯.୦୬.୨୦୨୦

## (ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦି ଲିଜ୍ ନିମନ୍ତେ ଇସ୍ତାହାର)

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପାଇକମାଲ ତହସିଲ ଅନ୍ତର୍ଗତ ଲଘୁ ଖଣିଜ ଉତ୍ସଗୁଡିକ OMMC Rules-2016 ମୁତାବକ ଦୀର୍ଘମିଆଦୀ ଲିଜ ସୂତ୍ରରେ ଆସନ୍ତା 5 (ପାଞ୍ଚ) ବର୍ଷ ନିମନ୍ତେ ନିଲାମ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତିବିଶେଷ OMMC Rules-2016 ରେ ପ୍ରଦତ୍ତ (Form- M) ରେ 3 (ତିନି) କପି ଆବେଦନ ପତ୍ର ସହ ଆବଶ୍ୟକୀୟ କାଗଜାତରନକଲ ସଂଲଗ୍ନ କରି ସିଲ ଲଫାଫା ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖ କରି ତହସିଲଦାର ପାଇକମାଲଙ୍କ କାର୍ଯ୍ୟାଳୟ ଠିକଣା ରେ କେବଳ **Speed Post/ Regn. Post** ମାଧ୍ୟମରେପ୍ରେରଣ କରିବେ ଯାହାକି ତା: **20.07.2020** ସୁଦ୍ଧା ତହସିଲଦାରଙ୍କ କାର୍ଯ୍ୟାଳୟ ରେ ପ୍ରାପ୍ତ ହେବା ଆବଶ୍ୟକ । ତା: **21.07.2020** ରିଖ ଦିବା **11:00** ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକ ତନଖି କରାଯାଇ ସର୍ବୋଚ୍ଚ ଅତିରିକ୍ତ ଦେୟ ଉଲ୍ଲେଖ କରିଥିବା ଭିତ୍ତିରେ ଯୋଗ୍ୟ ଲିଜ ଧାରୀ ଚୟନ କରାଯିବ । ଧାର୍ଯ୍ୟ ସମୟ ପରେ ପ୍ରାପ୍ତ ଓ ଅସଂପୂର୍ଣ୍ଣ ଦରଖାସ୍ତ ଗୁଡିକ ଗ୍ରହଣ କରାଯିବ ନାହିଁ । ଯେଉଁ ଉତ୍ସ ଗୁଡିକର ନିର୍ଦ୍ଧାରିତ ତାରିଖରେ ଆବେଦନ ପତ୍ର ମିଳିନଥିବ କିମ୍ବା ଲିଜ ଚୁଡାନ୍ତ ହୋଇ ନଥିବ ସେହି ଉତ୍ସ ଗୁଡିକ ପାଇଁ ଦ୍ୱିତୀୟ ଓ ତୃତୀୟ ଥର ପାଇଁ ଯଥାକ୍ରମେ ତା: **31.07.2020** ରିଖ ଓ ତା: **13.08.2020** ରିଖ ମଧ୍ୟାନ୍ନ **12:00** ଘଟିକା ପର୍ଯ୍ୟନ୍ତ ଆବେଦନ ଗ୍ରହଣ କରାଯିବ ଏବଂ ଉକ୍ତ ଦିନ ଅପରାହ୍ନ **3:00** ଘଟିକା ସମୟରେ ପୂର୍ବମତେ ଦରଖାସ୍ତ ଗୁଡିକୁ ତନଖି କରାଯିବ। ଏହାର ସବିଶେଷ ବିବରଣି ଜିଲ୍ଲା website (www.bargarh.nic.in) ରେ ଉପଲବ୍ଧ ହେବ। ଏତଦ୍ ବ୍ୟତୀତ ସୈରାତ ଉତ୍ସଗୁଡିକର ବିଶଦ ବିବରଣୀ ତହସିଲ କାର୍ଯ୍ୟାଳୟରେ ଯେ କୌଣସି କାର୍ଯ୍ୟଦିବସରେ ମଧ୍ୟ ଦେଖି ପାରିବେ ।

29.6.2020

ତହସିଲଦାର, ପାଇକମାଲ

Tahasildar

Paikmal

# ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ୍

1. ଦରଖାସ୍ତ ପାଉଣା ବାବଦ ଟ. 1000.00 (ଏକ ହଜାର ଟଙ୍କା ମାତ୍ର) (ଅଣ-ଫେରସ୍ତ) ଟ୍ରେଜେରୀ ଚାଲାଣ (Head of Account-0853-Non-Ferous Mining and Metallurgical Industries-102 Mineral Concession Fees, Rents and Royalties) ରେ ଦାଖଲ କରିବେ ।
2. କୌଣସି ମାଇନିଂ ବାବଦକୁ ବକେୟା ଦେୟ ନ ଥିବା ନେଇ ଏକ ସତ୍ୟପାଠ କରିବେ ।
3. IT Returns ଏବଂ ଅନ୍ୟୁନ 18 ମାସ ପର୍ଯ୍ୟନ୍ତ କାଏମ ଥିବା ବ୍ୟାଙ୍କ ଗ୍ୟାରେଣ୍ଟି ଯାହାକି, ଦରଖାସ୍ତ କରୁଥିବା ସୈରାତ ଉତ୍ସ ର ବାର୍ଷିକ ମୂଲ୍ୟ {Minimum guarantee quantity x (Royalty + Additional Charge)} ଠାରୁ ଅଧିକ ହୋଇଥିବା ଆବଶ୍ୟକ ।
4. Earnest Money ପାଇଁ Demand Draft (in favour of Tahasildar, Paikmal) ଯାହାର ମୂଲ୍ୟ ଅତିରିକ୍ତ ଚାର୍ଜ (Addl. Charge) ଏବଂ Royalty (ଏକ ବର୍ଷ) ର 5% ଠାରୁ କମ ହୋଇନଥିବ । [EMD = 5% of {Minimum Guaranteed Quantity x (Royalty + Additional Charges}]

ତହସିଲଦାର, ପାଇକମାଲ

Tahasildar
Paikmal

# ବିଶେଷ ସର୍ତ୍ତାବଳୀ

1. ଆବେଦନକାରୀ/ଲିଜଧାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ, OMMC Rules- 2016 ର ପରିସରଭୁକ୍ତ ରହିବେ ।
2. ପ୍ରଚଳିତ ନିୟମ ଅନୁଯାୟୀ ଅତିରିକ୍ତ ଦେୟର Additional Charge ମୂଲ୍ୟ ଉପରେ ସର୍ବୋଚ୍ଚ ମୂଲ୍ୟଦର୍ଶାଇ ଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି 1 ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜଧାରୀଙ୍କୁ ଚୟନ କରାଯିବ ।
3. ଲିଜ୍ ରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତିବିଶେଷ ଉତ୍ସଗୁଡିକ ପରିଦର୍ଶନ କରି ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷାଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ । ଲିଜ୍ ନେବା ପରେ ସୈରାତ ଚଳାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
4. ଲିଜ୍ ସୂତ୍ରେ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ଦରଖାସ୍ତରେ ଲଘୁ ଖଣିଜ ଦ୍ରବ୍ୟର ସରକାରଙ୍କ ଦ୍ୱାରା ଅତିରିକ୍ତ ଦେୟ ର (Additional Charge) ମୂଲ୍ୟଠାରୁ କମ୍ ମୂଲ୍ୟ ଦର୍ଶାଇଲେ ଦରଖାସ୍ତଟି ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ ।
5. ଲିଜ୍ ନିମନ୍ତେ ଯୋଗ୍ୟ ସୈରାତ ଉତ୍ସର ବାର୍ଷିକ ଦେୟ {Minimum guarantee quantity x (Royalty + Additional Charge)} + Amount of contribution payable to DMF ର ଏକ ଚତୁର୍ଥାଂଶ ରାଶି (EMD କୁ ବାଦ ଦେଇ) ଲିଜ ଚୁଡାନ୍ତ ହେବାର 15 ଦିନ ମଧ୍ୟରେ ପ୍ରାଧିକୃତ ଅଧିକାରୀଙ୍କ ପାଖରେ ଦାଖଲ କରିବେ, ଯାହାକି ସୁଧ ବିହୀନ ଅମାନତ ରାଶି (Security) ହିସାବରେ ରଖାଯିବ ।
6. Environment Clearance ମଞ୍ଜୁରି ପରେ ଲିଜ ଧାରୀ ଏକ ବର୍ଷ ପାଇଁ Surface Rent, Dead Rent ଏବଂ Royalty ର 5% EMF, 10% District Mineral Foundation (DMF) ଏବଂ 2% TCS (IT) ଓ ପ୍ରଯୁଜ୍ୟ GSTବାବଦକୁ ରାଶି ପୈଠ କରିବେ । ସଂପୂର୍ଣ୍ଣ ରାଶି ପୈଠ ହେଲାପରେ ଲିଜ୍ ଧାରୀ ରେଜିଷ୍ଟ୍ରେଷନ ଆକ୍ଟ 1908 ଓ ଷ୍ଟାମ୍ପ ଆକ୍ଟ 1999 ଅନୁଯାୟୀ ଚୁକ୍ତି ପତ୍ରନିଜ ଖର୍ଚ୍ଚରେ ସଂପାଦନ କରିବେ ।

7. ଯଦି ଯୋଗ୍ୟ ବିବେଚିତ ଚୁକ୍ତି ସମ୍ପାଦନ ପୂର୍ବରୁ ମୂଲ୍ୟ ଜମା ନ କରନ୍ତି ତେବେ ତାଙ୍କର EMD ବ୍ୟାଜାପ୍ତି ହେବ ।

8. ଯଦି ସର୍ବାଧିକ ରୟାଲ୍ଟି ଦର୍ଶାଇଥିବା ବ୍ୟକ୍ତି ସର୍ତ୍ତାବଳୀରେ ଖିଲାପ କରନ୍ତି ତେବେ ତାଙ୍କ ପରବର୍ତ୍ତି ସର୍ବାଧିକ ଅତିରିକ୍ତ ଦେୟ ଦର୍ଶାଇଥିବା ବ୍ୟକ୍ତିଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ ।

9. ଦରଖାସ୍ତକାରୀ Mines Act, 1952 ଓ Explosive Act, 1984 ର ସମସ୍ତ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ ।

10. ଲିଜ ଧାରୀ ସୈରାତ ଉତ୍ସ ର ନକ୍ସା ଅନୁଯାଇ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଓ ସମ୍ମୁଖ ଭାଗ ରେ ପ୍ରତିଫଳକ ବୋର୍ଡ ତିଆରି କରି ସେଥିରେ ସୈରାତ ଉତ୍ସ ର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ସମ୍ପାଦନ ଲିଜ ଧାରୀ ନିଜ ଖର୍ଚ୍ଚରେ କରିବେ ।

11. Reserve Assessment Report, Mining Plan and Environmental Clearance ବାବଦକୁ ହୋଇଥିବା ଖର୍ଚ୍ଚ ଲିଜ ଧାରୀ ନିଜେ ବହନ କରିବେ ।

12. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୁରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତା ପ୍ରାପ୍ତ ଅଧିକାରୀ ଙ୍କ ଠାରୁ କାର୍ଯ୍ୟାଦେଶ ନମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ କରି ପାରିବେ ନାହିଁ । କାର୍ଯ୍ୟାଦେଶ ନପାଇଲା ପର୍ଯ୍ୟନ୍ତ ସୈରାତ ଉତ୍ସରୁ ଉତ୍ତୋଳନ ଓ ପରିବହନ ହୋଇଥିବା ଲଘୁ ଖଣିଜ ଦ୍ରବ୍ୟ କୁ ବେଆଇନ ଧରାଯିବ ।

13. କୌଣସି କାରଣ ନଦର୍ଶାଇ ଲିଜ କାର୍ଯ୍ୟ ବାତିଲ ବା ସ୍ଥଗିତ କରି ପାରିବା କ୍ଷମତାପ୍ରାପ୍ତ ଅଧିକାରୀ ଙ୍କ ପରିସର ଭୁକ୍ତ ଅଟେ ।

14. ଯେକୌଣସି ମୂହୁର୍ତ୍ତରେ ଯଦି ନିୟମରେ କିଛି ପରିବର୍ତ୍ତନ ଘଟେ ତେବେ, ଲିଜଧାରୀ ପରିବର୍ତ୍ତିତ ନିୟମ ମାନିବାକୁ ବାଧ ହେବେ ।

15. ଲିଜ ସମ୍ବନ୍ଧିୟ ସର୍ତ୍ତାବଳୀ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତିତ ସମସ୍ତ କାର୍ଯ୍ୟ ଦିବସରେ ଦେଖିପାରିବେ । ଏହା ବ୍ୟତୀତ ଇସ୍ତାହାରର ସମସ୍ତ ବିବରଣୀ ଜିଲ୍ଲା website (www.bargarh.nic.in) ରେ ମଧ୍ୟ ଦେଖିପାରିବେ ।

27.6.2020

ତହସିଲଦାର, ପାଇକମାଲ

Tahasildar
Paikmal

ଜ୍ଞାପକ ସଂଖ୍ୟା ୧୧୪୨ / ତାରିଖ ୨୯.୦୬.୨୦୨୦

ଏହାର ଏକକିତା ଅବିକଳ ନକଲ ଜିଲ୍ଲାପାଳ, ବରଗଡ/ ଉପ-ଜିଲ୍ଲାପାଳ, ପଦ୍ମପୁର/ ବରଗଡ ଜିଲ୍ଲା ଅନ୍ତର୍ଗତ ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ/ ବରଗଡ ଜିଲ୍ଲା ଅନ୍ତର୍ଗତ ସମସ୍ତ ତହସିଲ/ ସମସ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ପାଇକମାଲ ତହସିଲ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ/ ସମସ୍ତ ଗ୍ରାମପଞ୍ଚାୟତ ଏବଂ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପାଇକମାଲ ତହସିଲ ତାଙ୍କର ସୂଚନା ଫଳକରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ଅବିକଳ ନକଲ ଜିଲ୍ଲା <u>ଡି.ଆଇ.ଓ</u> ବରଗଡଙ୍କୁ ଜିଲ୍ଲା ୱେବସାଇଟରେ ଓ ସ୍ଥାନୀୟ ଖବର କାଗଜରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

29.6.2020

ତହସିଲଦାର, ପାଇକମାଲ

Tahasildar
Paikmal

# ପାଇକମାଲ ତହସିଲ ଅନ୍ତର୍ଗତ ସୈରାତ ଉତ୍ସଗୁଡ଼ିକର ସାରଣୀ

| କ୍ରମିକ ସଂଖ୍ୟା | ସଇରାତ ମୋକଦ୍ଦମା ନଂ. | ଲଘୁ ଖଣିଜ ଉତ୍ସର ନାମ | ମୌଜା ର ନାମ | ଖାତା ନଂ. | ପ୍ଲଟ ନଂ. | ପୂରା ପ୍ଲଟର ରକବା (ଏକରରେ) | ଜମିର କିସମ | ଆବଣ୍ଟିତ ରକବା | ରୟାଲଟି ଦେୟ ପ୍ରତି ଘନ ମିଟର | ଅତିରିକ୍ତ ଦେୟ ପ୍ରତି ଘନ ମିଟର (In Rs.) | ମୋଟ ଦେୟ ପ୍ରତି ଘନ ମିଟର | ଅନ୍ୟୂନ ଉତ୍ତୋଳନ ପରିମାଣ (MGQ in CuM) | ବାର୍ଷିକ ଦେୟ | ଅମାନତ ଅଗ୍ରିମ ରାଶି ଯାହାକି ବ୍ୟାଙ୍କ ଡ୍ରାଫ୍ଟ (Bank Draft) ମାଧ୍ୟମରେ ଦରଖାସ୍ତ ସହ ପ୍ରଦାନ କରାଯିବ (In Rs.) |
|---|---|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧ | ୧/୨୦୨୦ | ମୁଣ୍ଡେଲା ବାଲି ଖାଦାନ | ମୁଣ୍ଡେଲା | ୧୦୫ | ୩୪୭/୮୧୯ | ୧୨.୦୦ | ନଦୀ | ୧୨.୦୦ | ଟ.୩୫/- | ଟ.୮୦/- | ଟ.୧୧୫/- | ୭୮୦ CuM | ଟ.୧,୫୭,୬୮୬/- | ଟ.୪,୪୮୫/- |
| ୨ | ୨/୨୦୨୦ | କଟଙ୍ଗପାଲି ବାଲି ଖାଦାନ | କଟଙ୍ଗପାଲି | ୮୯ | ୧/୭୮୭ | ୧୨.୦୦ | ନଦୀ | ୧୨.୦୦ | ଟ.୩୫/- | ଟ.୮୦/- | ଟ.୧୧୫/- | ୭୮୦ CuM | ଟ.୧,୫୭,୬୮୬/- | ଟ.୪,୪୮୫/- |
| ୩ | ୩/୨୦୨୦ | ପରସଖଣ୍ଡି ବାଲି ଖାଦାନ | ପରସଖଣ୍ଡି | ୫୪ | ୩୬୫/୪୩୮ | ୬.୦୦ | ନଦୀ | ୧୨.୦୦ | ଟ.୩୫/- | ଟ.୮୦/- | ଟ.୧୧୫/- | ୭୬୦ CuM | ଟ.୧,୫୫.୧୦୬/- | ଟ.୪,୩୭୦/- |
| | | | | | ୩୬୫ | ୬.୦୦ | | | | | | | | |
| ୪ | ୪/୨୦୨୦ | ମଖନାମୁଣ୍ଡା ପଥର ଖାଦାନ (୧) | ମଖନା ମୁଣ୍ଡା | ୧୧୪ | ୧୧୯୬ | ୧୨.୨୫ | ପଥର ଚଟାଣ | ୧୨.୨୫ | ଟ.୧୩୦/- | ଟ.୧୦୦/- | ଟ.୨୩୦/- | ୯୦୦ CuM | ଟ.୩,୩୩,୨୦୧/- | ଟ.୧୦,୩୫୦/- |
| ୫ | ୫/୨୦୨୦ | ମଖନାମୁଣ୍ଡା ପଥର ଖାଦାନ (୨) | ମଖନା ମୁଣ୍ଡା | ୧୦୪/୧୦୨ | ୮୪୪ | ୨.୪୫ | ମା.ସା. | ୫.୭୫ | ଟ.୧୩୦/- | ଟ.୧୦୦/- | ଟ.୨୩୦/- | ୨୫୬୫ CuM | ଟ.୭,୩୨.୯୪୮/- | ଟ.୨୯,୪୯୮/- |
| | | | | | ୮୨୧/୧୫୫୪ | ୦.୯୦ | ଆ.ସା. | | | | | | | |
| | | | | | ୮୨୧ | ୨.୪୦ | ଆ.ସା. | | | | | | | |
| ୬ | ୬/୨୦୨୦ | ମାଣିଆଢିପା ପଥର ଖାଦାନ | ମାଣିଆଢିପା | ୧୭୩ | ୧୩୭୬ | ୦.୮୩ | ମା.ସା. | ୩.୨୩ | ଟ.୧୩୦/- | ଟ.୧୦୦/- | ଟ.୨୩୦/- | ୨୫୨୭ CuM | ଟ.୭,୦୩,୩୮୪/- | ଟ.୨୯,୦୭୨/- |
| | | | | | ୧୩୭୭ | ୦.୩୦ | ମା.ସା. | | | | | | | |
| | | | | | ୧୩୭୯ | ୦.୪୦ | ମା.ସା. | | | | | | | |
| | | | | | ୧୩୮୦ | ୦.୧୨ | ମା.ସା. | | | | | | | |
| | | | | ୧୭୪ | ୧୩୭୮ | ୧.୫୮ | ମା.ସା. | | | | | | | |

22-6.2020

ତହସିଲଦାର, ପାଇକମାଲ

Tahasildar Paikmal